ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev.(OD)/888/17-12-2020

# ଡିସେମ୍ବର ୧୮ ତାରିଖଠାରୁ ଖୋଲିବ ରାଜ୍ୟ ଜନଜାତି ସଂଗ୍ରହାଳୟ

ଭୁବନେଶ୍ୱର, ତା.୧୭/୧୨/୨୦୨୦

ଡିସେମ୍ବର ୧୮ ତାରିଖଠାରୁ ଭୁବନେଶ୍ୱର ସିଆର୍‌ପି ଛକସ୍ଥିତ ରାଜ୍ୟ ଜନଜାତି ସଂଗ୍ରହାଳୟ ସର୍ବସାଧାରଣଙ୍କ ପାଇଁ ଖୋଲିବ । କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନଠାରେ ଥିବା ଏହି ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରଖାଯାଇଥିଲା ।

ଦର୍ଶକମାନଙ୍କ ପ୍ରବେଶ ନିମନ୍ତେ କୋଭିଡ୍-୧୯ ସଂକ୍ରମଣ ପ୍ରତିଷେଧକ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ଦର୍ଶକ ସଂଗ୍ରହାଳୟ ପରିସରକୁ ପ୍ରବେଶ କରିବା ପୂର୍ବରୁ ମୁଖ୍ୟ ପ୍ରବେଶ ଦ୍ୱାରରେ ସେମାନଙ୍କ ଶରୀରର ତାପମାତ୍ରା ଫୋରହେଡ୍ ସ୍କାନର ମେସିନ୍ ଦ୍ୱାରା ଯାଞ୍ଚ କରାଯାଇ ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ମିଳିବ । ପ୍ରତ୍ୟେକ ଦର୍ଶକ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ । ସଂଗ୍ରହାଳୟ ମଧ୍ୟରେ ପ୍ରତ୍ୟେକ ଦର୍ଶକ ସେମାନଙ୍କ ମଧ୍ୟରେ ଅତି କମ୍‌ରେ ୧୦ ଫୁଟ ଦୂରତା ରକ୍ଷା କରିବେ । ପ୍ରତ୍ୟେକ ଦର୍ଶକ ମୁଖ୍ୟ ପ୍ରବେଶ ପଥ ଓ ସଂଗ୍ରହାଳୟ ପ୍ରବେଶ ପଥରେ ସେମାନଙ୍କ ହାତ ହ୍ୟାଣ୍ଡ ସାନିଟାଇଜର ଦ୍ୱାରା ସାନିଟାଇଜ କରିବା ଜରୁରୀ ଅଟେ । ପ୍ରତ୍ୟେକ ଦର୍ଶକ ସଂଗ୍ରହାଳୟ ମଧ୍ୟରେ ବୁଲି ଦେଖିବା ସମୟରେ କୌଣସି ସୋକେସ୍, ଟଚ୍‌ସ୍କ୍ରିନ୍ କିଓସ୍କ, ଭିଆର୍ ହେଡ୍‌ସେଟ୍ କିମ୍ବା କୌଣସି କଳାବସ୍ତୁକୁ ଛୁଇଁବା ନିଷେଧ କରାଯାଇଛି । ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୪ ବର୍ଷରୁ କମ ବୟସର ପିଲାମାନଙ୍କୁ ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ମିଳିବ ନାହିଁ । ଆଉ ମଧ୍ୟ ଏକ ସମୟରେ ୧୦ ଜଣ ଦର୍ଶକଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିବ । ସେମାନଙ୍କ ମଧ୍ୟରୁ ପ୍ରଥମ ୫ ଜଣ ମୁଖ୍ୟ ସଂଗ୍ରହାଳୟ ଓ ତନ୍ମଧ୍ୟରୁ ଜଣେ ଲେଖାଏଁ ପ୍ରତ୍ୟେକ କକ୍ଷ ମଧ୍ୟକୁ ପ୍ରବେଶ କରିପାରିବେ । ଅନ୍ୟ ୫ ଜଣ ପରିସର ମଧ୍ୟରେ ଥିବା ପାରମ୍ପରିକ ଜନଜାତି ଗୃହ ମଧ୍ୟକୁ ଜଣଜଣ କରି ପ୍ରବେଶ କରିପାରିବେ । ସଂଗ୍ରହାଳୟ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ସନ୍ଧ୍ୟା ୫ଟା ୩୦ ମିନିଟ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ